# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

ବିଜ୍ଞାପନ ପତ୍ର ସଂଖ୍ୟା...୯୩୪.....ଜରୁରୀ, ତା...୦୧/୦୬/୧୯

ଅତିରିକ୍ତ ସାହାଯ୍ୟ ଆୟୁକ୍ତ ଓ ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡିଶାଙ୍କ ପତ୍ର ସଂଖ୍ୟା – ୨୩୧୨ ତା ୦୧.୦୫.୨୦୧୯ ରିଖ ମୁତାବକ ଯାଜପୁର ଜିଲ୍ଲା ପାଇଁ ୧୩ ଗୋଟି ଅସ୍ଥାୟୀ ଲଂଚ୍ ଚାଳକ ଏବଂ ୧୨ ଗୋଟି ଅସ୍ଥାୟୀ ବୋଟ୍ ଖଲାସୀ ପଦବୀ ନିଯୁକ୍ତି ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ନିମନ୍ତେ ତା ୦୧.୦୬.୨୦୧୯ ଠାରୁ ତା ୩୦.୧୧.୧୯ ରିଖ ପର୍ଯ୍ୟନ୍ତ ମାସିକ ସ୍ଥିରିକୃତ ଦରମା ଲଂଚ୍ ଚାଳକଙ୍କ ପାଇଁ ଟ. ୮୮୮୦ଙ୍କା ଓ ଲଂଚ୍ ଖଲାସୀଙ୍କ ପାଇଁ ଟ ୮୦୭୦ଙ୍କା ପ୍ରଦାନ କରାଯିବ । ଉକ୍ତ ଦରଖାସ୍ତ ତା ୦୩.୦୬.୧୯ ରିଖରୁ ୧୨.୦୬.୧୯ ରିଖ ୧ ଘଟିକା ପର୍ଯ୍ୟନ୍ତ ରେଜିଷ୍ଟର ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ସହକାରୀ ଜିଲ୍ଲାପାଳ, (ଜରୁରୀ), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରଙ୍କ ଠିକଣାରେ ପଠାଇବେ । ବିଳମ୍ବରେ ପ୍ରାପ୍ତ ଆବେଦନ ପତ୍ରଗୁଡିକୁ ଅଗ୍ରାହ୍ୟ କରାଯିବ । ପ୍ରାର୍ଥୀ କେବଳ ଯାଜପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ । ଦରଖାସ୍ତରେ ପ୍ରାର୍ଥୀମାନେ ନିଜର ଯୋଗାଯୋଗ ଟେଲିଫୋନ୍ ନଂ ଜଣାଇବେ ।

## ଲଂଚ୍ ଚାଳକ/ଖଲାସୀ ପଦବୀ ନିମନ୍ତେ ଯୋଗ୍ୟତା

କ) ପ୍ରାର୍ଥୀ ସର୍ବନିମ୍ନ ଯୋଗ୍ୟତା ସପ୍ତମ ଶ୍ରେଣୀ ପାଶ୍ କରିଥିବେ ।

ଖ) ପ୍ରାର୍ଥୀଙ୍କ ବୟସ ସୀମା ତା ୦୧.୦୬.୨୦୧୯ରିଖ ସୁଦ୍ଧା ୧୮ ରୁ ୬୦ବର୍ଷ ମଧ୍ୟରେ ହୋଇଥିବ ।

ଗ) ଦ୍ୱିତୀୟ ଶ୍ରେଣୀର ବୋଟ୍ ଚାଳକ ପ୍ରମାଣ ପତ୍ର ପାଇଥିବେ ।

ଘ) ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ର ।

ଙ) ଶାରିରୀକ ସ୍ୱାସ୍ଥ୍ୟ ଠିକ୍ ଥିବା ପ୍ରମାଣପତ୍ର (ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କ ଠାରୁ) ।

ଚ) ନୂତନ କରି ଆବେଦନ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ସରକାରଙ୍କଠାରୁ କ୍ରୀଡ ସାର୍ଟିଫିକେଟ୍ ଆବଶ୍ୟକ ।

ଛ) ସନ୍ତରଣ(ପହଁରା) ଶିଖିଥିବା ଦରକାର । (୨୦୦ ମିଟର ୨୦ ମିନିଟ୍‌ରେ ପହଁରି ପାରୁଥିବେ ଏବଂ ନିଜକୁ ବ୍ୟକ୍ତିଗତ ଘୋଷଣାନାମା କରାଇବେ ଯେ କୌଣସି ଅଘଟଣ ଘଟିଲେ ସେ ନିଜକୁ ଦାୟୀ ମନେ କରିବେ ।

ଜ) ଅଭିଜ୍ଞତା ହାସଲ କରିଥିବା ପ୍ରାର୍ଥୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

ଝ) ସାର୍ଟିଫିକେଟ୍ ଯାଂଚ ପରେ ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କର ଦକ୍ଷତା ପରୀକ୍ଷା ରାଜ୍ୟ ବନ୍ଦର ଯନ୍ତ୍ରୀଙ୍କର ପ୍ରାଧିକୃତ କର୍ମଚାରୀଙ୍କ ଦ୍ୱାରା କରାଯିବ ।

ଜିଲ୍ଲାପାଳଙ୍କ ଆଦେଶ କ୍ରମେ

(signature) ୦୧/୦୬/୧୯

ଅତିରିକ୍ତ ଜିଲ୍ଲାପାଳ, ଯାଜପୁର